PRESS RELEASE

## ପ୍ରେସ୍ ବିଜ୍ଞପ୍ତି 71

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ରାଉରକେଲା ଠାରେ 'ତାନଭି- ଦି ଗ୍ରେଟ୍' ହିନ୍ଦୀ ଚଳଚ୍ଚିତ୍ରର ପ୍ରଦର୍ଶନ

**ରାଉରକେଲା, 21 ସେପ୍ଟେମ୍ବର, 2025:** ଆଜି ଟାଟା ପାୱାର୍ କମ୍ୟୁନିଟି ଡେଭଲମେଣ୍ଟ ଟ୍ରଷ୍ଟଙ୍କ ଅନୁକୁଲ୍ୟରେ ଏବଂ ଅନୁପମ ଖେର୍ ଷ୍ଟୁଡିଓଙ୍କ ସହ ଭାଗିତାରେ ଟିପିଡବ୍ଲୁଓଡିଏଲ୍, ଯାହା ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଏବଂ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣର ଦାୟିତ୍ୱରେ ଥିବା କମ୍ପାନୀ ଦ୍ୱାରା ଏକ ହିନ୍ଦୀ ଚଳଚିତ୍ର 'ତାନଭି-ଦି ଗ୍ରେଟ୍'ର ଏକ ସୋ ରାଉରକେଲା ସହରର ସିଭିଲଟାଉନସିପ୍ ସ୍ଥିତ ଫୋରମ୍ ଗ୍ୟାଲେରିଆ ମଲର ସିନେମା ହଲରେ ପ୍ରଦର୍ଶନ କରାଯାଇଅଛି । ଏହି ସିନେମାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ପ୍ରାୟ 150ରୁ ଅଧିକ ଅର୍ଟିଜମ୍ ଦ୍ୱାରା ସଂକ୍ରମିତ ପିଲା ଏବଂ ତାଙ୍କ ଅଭିଭାକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ।

ଏହି ସିନେମା ପ୍ରଦର୍ଶନର ମୁଖ୍ୟ ଉଦେଶ୍ୟ ଥିଲା ଯେ, ଏହିପରି ଭାବରେ ସ୍ନାୟବିକ ଦୁର୍ବଳ ପିଲାମାନଙ୍କୁ ସ୍ୱତନ୍ତ୍ର ଭାବେ କିପରି ଶିକ୍ଷ୍ୟାଦିକ୍ଷା ଦିଆଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଅଣାଯାଇ ପାରିବ, ତାହାର ପ୍ରଚାର ପ୍ରସାର । ଏହି ସିନେମା ସୋ ଦ୍ୱାରା ଟାଟା ପାୱାର ଓ ଏହାର ସାମାଜିକ ଦାୟିତ୍ୱବୋଧ ବିଭାଗ ଦ୍ୱାରା ଏହି ପ୍ରକାର ପିଲାମାନଙ୍କ ପ୍ରତି ସମାଜର ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରାଯାଇ ସେମାନଙ୍କୁ କିପରି ଭାବରେ ଉନ୍ନତ କରାଯିବା, ସେହି ବାବାଦରେ ସାରା ଭାରତରେ ଜନସଚେତନତା କରାଯାଉଅଛି ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀ, ସ୍ଥାନୀୟ ସରକାରୀ ଅଧିକାରୀ, ଗଣମାନ୍ୟ ବ୍ୟକ୍ତିମାନେ, ସାମ୍ବାଦିକ ପ୍ରତିନିଧିମାନେ ଯୋଗଦେଇ ସେହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଟିପିଡବ୍ଲୁଓଡିଏଲର ସାମାଜିକ ଦାୟିତ୍ୱବୋଧ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା ।

**କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ**
**ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା**